# HERITAGE CLUB

## GANGADHAR MEHER UNIVERSITY
AMRUTA VIHAR, SAMBALPUR




## Annual Report 2022-23

**Introduction:**

India is one of the most diverse lands found anywhere in the world and has been hailed as the most complex amalgamation of various cultural identities. The Heritage Club seeks to celebrate this diversity in ethnicity, traditions and beliefs that our beloved country has to offer and has achieved this through the medium of a culture exchange programmes, debates, heritage walks, historical tours, etc.

The aim of this club is to make History an inherent part and parcel of the everyday curriculum alongside other graduate-level subjects by way of providing for continuously active and practical learning. It also focuses on places of Importance, cultural or natural heritage as described in UNESCO world heritage as well as the State and Central Archaeological Survey of India. It is also an attempt to understand all aspects that demarcates the identity of our Indian Heritage or any other Heritage in the world. The club also tries to develop respect in students toward the diversity in cultures by hosting awareness programs at college on how to protect and preserve our monuments and heritage sites.

**Objectives:**

The History and Heritage club has several objectives, primarily focused on developing skills in students and researchers for interpreting and analyzing rich cultural histories.

1. Create awareness among the students about our rich cultural heritage.
2. It serves as a platform to raise historical awareness within and beyond the university.
3. The club aims to instill a sense of responsibility for the preservation and promotion of Indian Culture and Heritage in future generations.
4. Heritage club badge to become a part of the growing community of being a proud heritage protector.
5. Learning about the importance of Heritage related matters such as History, Archaeology, Inscriptions, Monuments, coins, museums etc.
6. Outreach programs and education on Museums
7. Conducting training programs and awareness programs for students in the field of History and Archaeology. Example: Excavation, exploration, Heritage walk, Trekking, Workshops, Documentation methods, debate, drawing, quiz etc.
8. Visit the museum for learning about ancient Antiquities, copper plates, inscriptions, coins, etc.

9. Conservations techniques at college as well as at Historical or Archaeological sites.
10. Conducting cultural, social and educational development programs such as symposiums, discussions, student fairs, festivals, conferences etc.
11. Additionally, the club fosters a positive and supportive attitude among its members, encouraging collaboration and mutual support.
12. Skills developed include understanding historical events, sites, community engagement, and Cultural Resource Management.

**MISSION**

- To uphold the constitutional duty of every Indian citizen.
- To value and preserve the rich heritage of our composite culture.

**Article 51 of the Indian Constitution-Fundamental Duties-IV-A**

- To take pride in the unique diversity of India's cultural identity.
- To encourage the education authorities to incorporate heritage education into the learning process.
- To inspire young minds to develop secular, cultural values and contribute to the sustainable growth of our nation.

**Activities**

1. **Kranti Diwas**
2. Heritage awareness at Patna palace (Balangir Palace)
3. Heritage Walk from town hall to Lakshinath bezbaroa house
4. Celebration of International Museum Day 2023
5. Celebration of Subhas Chandra Bose and Veer Surendra Sai Jayanti
6. Celebration of World Heritage Day 2024
7. International Museum day 2024

Atula Kumar Pradhan

Coordinator, Heritage Club







Observation of August Kranti on 9th August 2023







Observation of August Kranti on 9th August 2023





Participants in the observation of August Kranti on $9^{th}$ August 2023

# 'ସମ୍ବଲପୁରର ଅବଦାନର ଯଥାର୍ଥ ମୂଲ୍ୟାୟନ ହୋଇନି'

ସମ୍ବଲପୁର,୯।୮(ବ୍ୟୁରୋ): ଯଥାର୍ଥ ମୂଲ୍ୟାୟନ ବିନା ଭାରତୀୟ ସ୍ୱାଧୀନତା ସଂଗ୍ରାମ ପ୍ରତି ସମ୍ବଲପୁରର ଅମୂଲ୍ୟ ଅବଦାନ ପ୍ରସଙ୍ଗଟି ଅନ୍ଧକାର ମଧ୍ୟରେ ରହିଯାଇଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ବକ୍ତା ଭାବେ ଯୋଗ ଦେଇ ଦୀପକ କୁମାର ପଣ୍ଡା ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ଅଗଷ୍ଟ ୯, କ୍ରାନ୍ତି ଦିବସ ଅବସରରେ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ତଥା ଡ. ସନ୍ତୋଷ କୁମାର ମଲ୍ଲିକଙ୍କ ପରିଚାଳନାରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

ଓଡ଼ିଶାରେ କଂଗ୍ରେସକୁ ଆଣିବାରେ ଚନ୍ଦ୍ରଶେଖର ବେହେରା ଭଗୀରଥ ଅଟନ୍ତି । ୧୯୧୯ରେ ଉତ୍କଳ ସମ୍ମିଳନୀର ପୁରୀ ଅଧିବେଶନରେ ନିଜର ଅଧ୍ୟକ୍ଷୀୟ ଅଭିଭାଷଣରେ ଚନ୍ଦ୍ର ଶେଖର ବେହେରା ସର୍ବଭାରତୀୟ ସଂଗଠନ ସହ ଯୋଡି ହେବାର ପ୍ରଥମ ପ୍ରସ୍ତାବ ରଖିଥିଲେ । ୧୯୨୦ ରେ କଂଗ୍ରେସର ନାଗପୁର ଅଧିବେଶନରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର



ରାଜ୍ୟ ଗଠନ ନେଇ ପ୍ରଥମେ ପୈରବୀ କରିଥିଲେ । ୧୯୦୮ରେ ସମ୍ବଲପୁରରେ ଛାତ୍ରଙ୍କ ବିଦେଶୀ ବସ୍ତ୍ର ପୋଡି, ୧୯୨୧ରେ ଜିଲ୍ଲା ସ୍କୁଲ ଛାତ୍ରଙ୍କ ଶ୍ରେଣୀ ବର୍ଜନ, କଂଗ୍ରେସର କାକିନାଡ଼ା ଅଧିବେଶନକୁ ଭାଗିରଥି ପଟ୍ଟନାୟକଙ୍କ ପଦବ୍ରଜରେ ଯାତ୍ରା, ଲକ୍ଷ୍ମୀନାରାୟଣ ମିଶ୍ର ବିଭିନ୍ନ ସମୟରେ ମୋଟ ୧୭ ବର୍ଷ କାରାବରଣ କରିବା, ପ୍ରଫୁଲ୍ଲ ପଟ୍ଟନାୟକ ଏବଂ ପାର୍ବତୀ ଗିରିଙ୍କ ଦ୍ୱାରା ପୃଥକ ଭାବରେ ଦୁଇଥର ବରଗଡ ଏସଡିଓ କୋର୍ଟ ଦଖଲ, ପାଣିମୋରା ଗ୍ରାମରେ ୩୪ ଜଣ କାରାବରଣ ପାଇଁ ଆଗଭର ହେବା, ଖଦୀ କାର୍ଯ୍ୟକ୍ରମ ଓ ନିଶା ନିବାରଣରେ ଅଭୂତପୂର୍ବ ସଫଳତା, ବହୁ ସତ୍ୟାଗ୍ରହୀଙ୍କ କାରାବରଣ, ବିକ୍ଷୋଭ, ବନ୍ଦ, ହରତାଳ, ପ୍ରଜା ଆନ୍ଦୋଳନରେ ସମ୍ବଲପୁରର ଭୂମିକା ଆଦି ସମ୍ପର୍କରେ ବର୍ଣ୍ଣନା କରି ସ୍ୱାଧୀନତା ଆନ୍ଦୋଳନରେ ସମ୍ବଲପୁର ଅଗ୍ରଣୀ ଭୂମିକା ନେଇଥିଲେ ହେଁ ଯଥାର୍ଥ ସ୍ଥାନ ଦିଆଯାଇନଥିବା କିମ୍ବା ପାଠ୍ୟପୁସ୍ତକରେ ସଠିକ ଭାବରେ ଉଲ୍ଲିଖିତ ନ ଥିବାରୁ ଶ୍ରୀ ପଣ୍ଡା କ୍ଷୋଭ ପ୍ରକାଶ କରିଥିଲେ ।

**ଅଗଷ୍ଟ କ୍ରାନ୍ତି ଆଲୋଚନାଚକ୍ର**

ଅବସରପ୍ରାପ୍ତ ଇତିହାସ ଅଧ୍ୟାପକ ଡ. ପତିତ ପାବନ ମିଶ୍ର କହିଲେ ଯେ, ୧୯୪୨ ହେଉଛି ବିଶ୍ୱବ୍ୟାପି ଉଦବେଳନର ବର୍ଷ । ଅଗଷ୍ଟ ୮ ତାରିଖରେ କଂଗ୍ରେସର ବମ୍ବେ ଖୋଲା ଅଧିବେଶନରେ ଗାନ୍ଧୀ ଇଂରେଜ ମାନଙ୍କୁ ଭାରତ ଛାଡିବା ପାଇଁ ଚରମ ବାଣୀ ଶୁଣାଇଲେ । ସତ୍ୟାଗ୍ରହୀଙ୍କୁ 'କର ବା ମର' ର ଆହ୍ୱାନ ଦେଲେ । ୧୯୪୨ କ୍ରାନ୍ତି ଫଳରେ ଏକୀକୃତ ଭାରତ ଭାବନା ବଳଶାଳୀ ହେଲା ଓ ଦେଶୀୟ ରାଜ୍ୟଗୁଡିକର ସମ୍ମିଶ୍ରଣ ସମ୍ଭବପର ହେଲା ବୋଲି ମତବ୍ୟକ୍ତ କରିଥିଲେ ।

ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର କୁଳପତି ଡ. ଏନ. ନାଗାରାଜୁ, ପିଜି. କାଉନସିଲର ଚେୟାରମ୍ୟାନ ପ୍ର. ସୁଶାନ୍ତ କୁମାର ଦାଶ, ଉପକୁଳସଚିବ ଡ. ଉମାଚରଣ ପତି ପ୍ରମୁଖ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ଡ. ପରମତାପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଡିନ ଅଫ ରିସର୍ଚ୍ଚ ଡ. ଜ୍ଞାନ ରଞ୍ଜନ ସ୍ୱାଇଁ, ଭାମଭୋଇ ଚେୟାରର ପ୍ରଫେସର ଡ. ପ୍ରଦୀପ ପଣ୍ଡା, ଡ. ସସ୍ମିତା ରାଣୀ ଶାସନୀ, ଡ. ଦ୍ୱାରିକାନାଥ ନାୟକ, କବି ସୌଭାଗ୍ୟବନ୍ତ ମହାରଣା, ଅନ୍ୟ ଅତିଥି ବୃନ୍ଦ, ଛାତ୍ରଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

**ଅଗଷ୍ଟ କ୍ରାନ୍ତି ଦିବସ ଆଲୋଚନାଚକ୍ର**

# 'ସ୍ୱାଧୀନତା ସଂଗ୍ରାମରେ ସମ୍ବଲପୁରର ମୂଲ୍ୟାୟନ ହୋଇପାରି ନାହିଁ'

ସମ୍ବଲପୁର, ୯।୮ (ସମିସ)



ଭାରତୀୟ ସ୍ୱାଧୀନତା ସଂଗ୍ରାମ ପ୍ରତି ସମ୍ବଲପୁରର ଅମୂଲ୍ୟ ଅବଦାନର ଯଥାର୍ଥ ମୂଲ୍ୟାୟନ ହୋଇପାରିନାହିଁ ବୋଲି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତା ଭାବରେ ଦୀପକ ପଣ୍ଡା ମତ ଦେଇଛନ୍ତି। ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଡ. ସନ୍ତୋଷ ମଲ୍ଲିକଙ୍କ ପରିଚାଳନା କରିଥିଲେ। ଆଲୋଚନାରେ ଦୀପକ ପଣ୍ଡା କହିଲେ ଯେ ୧୯୧୯ରେ ଉତ୍କଳ ସମ୍ମିଳନୀର ପୁରୀ ଅଧିବେଶନରେ ଚନ୍ଦ୍ରଶେଖର ବେହେରା ସର୍ବଭାରତୀୟ ସଂଗଠନ ସହ ଯୋଡ଼ି ହେବାର ପ୍ରଥମ ପ୍ରସ୍ତାବ ରଖିଥିଲେ। ୧୯୨୦ରେ କଂଗ୍ରେସର ନାଗପୁର ଅଧିବେଶନରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ରାଜ୍ୟ ଗଠନ ନେଇ ପ୍ରଥମେ ପୈରବୀ କରିଥିଲେ। ୧୯୦୮ରେ ସମ୍ବଲପୁରରେ ଛାତ୍ରଙ୍କ ବିଦେଶୀ ବସ୍ତ୍ର ପୋଡି, ୧୯୨୧ରେ ଜିଲ୍ଲା ସ୍କୁଲ ଛାତ୍ରଙ୍କ ଶ୍ରେଣୀ ବର୍ଜନ, କଂଗ୍ରେସର କାକିନାଡ଼ା ଅଧିବେଶନକୁ ଭାଗୀରଥି ପଟ୍ଟନାୟକଙ୍କ ପଦବ୍ରଜରେ ଯାତ୍ରା, ଲକ୍ଷ୍ମୀନାରାୟଣ ମିଶ୍ର ବିଭିନ୍ନ ସମୟରେ ମୋଟ ୧୭ ବର୍ଷ କାରାବରଣ କରିବା, ପ୍ରଫୁଲ୍ଲ ପଟ୍ଟନାୟକ ଏବଂ ପାର୍ବତୀ ଗିରିଙ୍କ ଦ୍ୱାରା ପୃଥକ ଭାବରେ ଦୁଇଥର ବରଗଡ ଏସଡିଓ କୋର୍ଟ ଦଖଲ, ପାଣିମୋରା ଗ୍ରାମରେ ୩୪ ଜଣ କାରାବରଣ ପାଇଁ ଆଗଭର ହେବା, ଖଦୀ କାର୍ଯ୍ୟକ୍ରମ ଓ ନିଶା ନିବାରଣରେ ଅଭୂତପୂର୍ବ ସଫଳତା, ବହୁ ସତ୍ୟାଗ୍ରହୀଙ୍କ କାରାବରଣ, ବିକ୍ଷୋଭ, ବନ୍ଦ, ହରତାଳ, ପ୍ରଜା ଆନ୍ଦୋଳନରେ ସମ୍ବଲପୁରର ଭୂମିକା ଆଦି ସମ୍ପର୍କରେ ବର୍ଣ୍ଣନା କରି ସ୍ୱାଧୀନତା ଆନ୍ଦୋଳନରେ ସମ୍ବଲପୁର ଅଗ୍ରଣୀ ଭୂମିକା ନେଇଥିଲେ। ମାଲେସିଆରେ ଏକଦା ପରିଦର୍ଶକ ପ୍ରଫେସର ଥିବା ଅବସରପ୍ରାପ୍ତ ଇତିହାସ ଅଧ୍ୟାପକ ଡ. ପତିତ ପାବନ ମିଶ୍ର କହିଲେ ଯେ ୧୯୪୨ ହେଉଛି ବିଶ୍ୱବ୍ୟାପି ଉଦବେଳନର ବର୍ଷ। ଅଗଷ୍ଟ ୮ ତାରିଖରେ କଂଗ୍ରେସର ବମ୍ବେ ଖୋଲା ଅଧିବେଶନରେ ଗାନ୍ଧୀ ଇଂରେଜ ମାନଙ୍କୁ ଭାରତ ଛାଡ଼ିବା ପାଇଁ ଚରମ ବାଣୀ ଶୁଣାଇଲେ। ସତ୍ୟାଗ୍ରହୀଙ୍କୁ 'କର ବା ମର'ର ଆହ୍ୱାନ ଦେଲେ। ଏହି ଡକରା ସହ ଦେଶର ଅନେକ ସଂଗଠନ ସହମତ ନ ଥିଲେ। ତେବେ, ବାଜପେୟୀଙ୍କ ସମେତ ଆରଏସଏସର ଅନେକ ସଦସ୍ୟ ବ୍ୟକ୍ତିଗତ ରୂପରେ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଲେ। ମହିଳାମାନେ ମଧ୍ୟ ବହୁ ସଂଖ୍ୟାରେ ଯୋଗଦେଲେ। ୧୯୪୨ କ୍ରାନ୍ତି ଫଳରେ ଏକୀକୃତ ଭାରତ ଭାବନା ବଳଶାଳୀ ହେଲା ଓ ଦେଶୀୟ ରାଜ୍ୟଗୁଡିକର ସମ୍ମିଶ୍ରଣ ସମ୍ଭବପର ହେଲା।

ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର କୁଳପତି ଡ. ଏନ. ନାଗାରାଜୁ, ପି. ଜି. କାଉନସିଲ୍ ଅଧ୍ୟକ୍ଷ ପ୍ର. ସୁଶାନ୍ତ ଦାଶ, ଉପକୁଳସଚିବ ଡ. ଉମାଚରଣ ପତି ପ୍ରମୁଖ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଡ. ପରମତାପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଡିନ ଅଫ ରିସର୍ଚ୍ଚ ଡ. ଜ୍ଞାନରଂଜନ ସ୍ୱାଇଁ, ଭୀମଭୋଇ ଚେୟାରର ପ୍ରଫେସର ଡ. ପ୍ରଦୀପ ପଣ୍ଡା, ଡ. ସସ୍ମିତାରାଣୀ ଶାସନୀ, ଡ. ଦ୍ୱାରିକାନାଥ ନାୟକ, କବି ସୌଭାଗ୍ୟବନ୍ତ ମହାରଣା, ଅନ୍ୟ ଅତିଥିବୃନ୍ଦ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

Media coverage of observation of August Kranti on 9th August 2023

# 'ସମ୍ବଲପୁରର ଅବଦାନ ଏବେ ବି ଅନାଲୋଚିତ'

ସମ୍ବଲପୁର,୯।୮ (କାର୍ଯ୍ୟାଳୟ): ଭାରତୀୟ ସ୍ୱାଧୀନତା ସଂଗ୍ରାମ ପ୍ରତି ସମ୍ବଲପୁରର ଅମୂଲ୍ୟ ଅବଦାନ ପ୍ରସଙ୍ଗ ଏବେ ବି ଅନ୍ଧକାର ମଧ୍ୟରେ ରହିଛି। ବହୁ ତଥ୍ୟ ପ୍ରଘଟିତ ହୋଇପାରିନାହିଁ ଏବଂ ସମ୍ବଲପୁରକୁ ଯଥାଯଥ ସ୍ଥାନ ମିଳିନାହିଁ ବୋଲି ବକ୍ତା ଦୀପକ କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ବୁଧବାର ଅଗଷ୍ଟ କ୍ରାନ୍ତି ଦିବସକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।



## ଅଗଷ୍ଟ କ୍ରାନ୍ତି ଦିବସରେ ଆଲୋଚନାଚକ୍ର

ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଇତିହାସ ବିଭାଗ ମୁଖ୍ୟ ଡଃ ଅତୁଲ କୁମାର ପ୍ରଧାନଙ୍କ ସଭାପତିତ୍ୱ ତଥା ଡଃ ସନ୍ତୋଷ କୁମାର ମଲ୍ଲିକଙ୍କ ପରିଚାଳନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶ୍ରୀ ପଣ୍ଡା କହିଲେ ଯେ, ଓଡ଼ିଶାକୁ କଂଗ୍ରେସକୁ ଆଣିବାରେ ଚନ୍ଦ୍ରଶେଖର ବେହେରା ଭଗୀରଥ ଅଟନ୍ତି। ୧୯୧୯ରେ ଉତ୍କଳ ସମ୍ମିଳନୀର ପୁରୀ ଅଧିବେଶନରେ ନିଜ ଅଧକ୍ଷୀୟ ଅଭିଭାଷଣରେ ଚନ୍ଦ୍ରଶେଖର ବେହେରା ସର୍ବଭାରତୀୟ ସଙ୍ଗଠନ ସହ ଯୋଡ଼ିହେବାର ପ୍ରଥମ ପ୍ରସ୍ତାବ ରଖିଥିଲେ। ୧୯୨୦ରେ କଂଗ୍ରେସର ନାଗପୁର ଅଧିବେଶନରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ରାଜ୍ୟ ଗଠନ ନେଇ ପ୍ରଥମେ ପ୍ରସଙ୍ଗ ଆରମ୍ଭ କରିଥିଲେ। ୧୯୦୮ରେ ସମ୍ବଲପୁରରେ ଛାତ୍ରଙ୍କ ବିଦେଶୀ ବସ୍ତ୍ର ପୋଡ଼ି, ୧୯୨୧ରେ ଜିଲ୍ଲାସ୍କୁଲ ଛାତ୍ରଙ୍କ ଶ୍ରେଣୀବର୍ଜନ, କଂଗ୍ରେସର କାକିନାଡ଼ା ଅଧିବେଶନକୁ ଭାଗିରଥୀ ପଟ୍ଟନାୟକଙ୍କ ଚାଲିଚାଲି ଯିବା, ଲକ୍ଷ୍ମୀନାରାୟଣ ମିଶ୍ର ବିଭିନ୍ନ ସମୟରେ ମୋଟ ୧୭ ବର୍ଷ କାରାବରଣ କରିବା, ପ୍ରଫୁଲ୍ଲ ପଟ୍ଟନାୟକ ଏବଂ ପାର୍ବତୀ ଗିରିଙ୍କ ଦ୍ୱାରା ପୃଥକ ଭାବରେ ଦୁଇଥର ବରଗଡ଼ ଏସଡିଓ କୋର୍ଟ ଦଖଲ, ପାଣିମୋରା ଗ୍ରାମରେ ୩୪ ଜଣ ସଂଗ୍ରାମୀ କାରାବରଣ ପାଇଁ ଆଗଭର ହେବା, ଖଦୀ କାର୍ଯ୍ୟକ୍ରମ ଓ ନିଶା ନିବାରଣରେ ଅଭୂତପୂର୍ବ ସଫଳତା, ବହୁ ସତ୍ୟାଗ୍ରହୀଙ୍କ କାରାବରଣ, ବିକ୍ଷୋଭ, ବନ୍ଦ, ହରତାଳ, ପ୍ରଜା ଆନ୍ଦୋଳନରେ ସମ୍ବଲପୁରର ଭୂମିକା ଆଦି ସମ୍ପର୍କରେ ସେ ବର୍ଣ୍ଣନା କରିଥିଲେ। ସ୍ୱାଧୀନତା ଆନ୍ଦୋଳନରେ ସମ୍ବଲପୁର ଅଗ୍ରଣୀ ଭୂମିକା ନେଇଥିଲେ ହେଁ ଯଥାର୍ଥ ସ୍ଥାନ ଦିଆଯାଇନଥିବା କିମ୍ବା ପାଠ୍ୟପୁସ୍ତକରେ ସଠିକ ଭାବରେ ଉଲ୍ଲିଖିତ ହୋଇ ନଥିବାରୁ ଶ୍ରୀ ପଣ୍ଡା କ୍ଷୋଭ ପ୍ରକାଶ କରିଥିଲେ।

ମାଲେସିଆରେ ଅତିଥି ଅଧ୍ୟାପକ ଥିବା ଅବସରପ୍ରାପ୍ତ ଇତିହାସ ଅଧ୍ୟାପକ ଡଃ ପତିତ ପାବନ ମିଶ୍ର କହିଲେ ଯେ, ୧୯୪୨ ହେଉଛି ବିଶ୍ୱବ୍ୟାପୀ ଉଦବେଳନର ବର୍ଷ। ସ୍ୱାଧୀନତା ଆନ୍ଦୋଳନର ଚରମ ପର୍ଯ୍ୟାୟ। ଅଗଷ୍ଟ ୮ ତାରିଖରେ କଂଗ୍ରେସର ବମ୍ବେ ଖୋଲା ଅଧିବେଶନରେ ମହାତ୍ମା ଗାନ୍ଧୀ ଇଂରେଜ ମାନଙ୍କୁ ଭାରତ ଛାଡ଼ିବା ପାଇଁ ଚରମବାଣୀ ଶୁଣାଇବା ସହ ସତ୍ୟାଗ୍ରହୀଙ୍କୁ 'କର ବା ମର'ର ଆହ୍ୱାନ ଦେଇଥିଲେ। ଏହି ଡାକରା ସହିତ ଦେଶର ଅନେକ ସଂଗଠନ ସହମତ ନଥିଲେ। ବିଶ୍ୱଯୁଦ୍ଧ ପରିପ୍ରେକ୍ଷୀରେ ବାମପନ୍ଥୀଙ୍କ ଭିନ୍ନ ଦୃଷ୍ଟିଭଙ୍ଗୀ ରହିଥିଲା। ଋଷ ମିତ୍ର ରାଷ୍ଟ୍ର ପକ୍ଷଭୁକ୍ତ ହେବାପରେ ବାମପନ୍ଥୀଙ୍କ ନୀତି ବଦଳିଲା। ମହିଳାମାନେ ମଧ୍ୟ ବହୁ ସଂଖ୍ୟାରେ ଯୋଗଦେଲେ। ୧୯୪୨ କ୍ରାନ୍ତି ଫଳରେ ଏକୀକୃତ ଭାରତ ଭାବନା ବଳଶାଳୀ ହେଲା ଓ ଦେଶୀୟ ରାଜ୍ୟଗୁଡ଼ିକର ସମ୍ମିଶ୍ରଣ ସମ୍ଭବପର ହେଲା ବୋଲି ଡଃ ମିଶ୍ର ମତପ୍ରକାଶ କରିଥିଲେ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ. ନାଗାରାଜୁ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାଶ, ଉପକୁଳସଚିବ ଡଃ ଉମାଚରଣ ପତି ପ୍ରମୁଖ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଶେଷରେ ଡଃ ପରମତାପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସ୍ୱାଧୀନତା ସଂଗ୍ରାମକୁ ସମ୍ବଲପୁରର ଅବଦାନ ଏବେ ବି ଅନ୍ଧାରରେ'

ସମ୍ବଲପୁର, ୯/୮(ଇମିସ): ଯଥାର୍ଥ ମୂଲ୍ୟାୟନ ବିନା ଭାରତୀୟ ସ୍ୱାଧୀନତା ସଂଗ୍ରାମ ପ୍ରତି ସମ୍ବଲପୁରର ଅମୂଲ୍ୟ ଅବଦାନ ପ୍ରସଙ୍ଗଟି ଅନ୍ଧକାର ମଧ୍ୟରେ ରହିଯାଇଛି। ଯଥାର୍ଥ ଭାବରେ ପ୍ରଘଟିତ ହୋଇପାରି ନାହିଁ। ଗଂଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଆଜି ଆୟୋଜିତ ଆଲୋଚନାଚକ୍ରରେ ବକ୍ତା ଭାବରେ ଯୋଗଦେଇ ଦୀପକ କୁମାର ପଣ୍ଡା ଉପରୋକ୍ତ ମତ ଦେଇଛନ୍ତି।



ଅଗଷ୍ଟ ୯, କ୍ରାନ୍ତି ଦିବସ ଅବସରରେ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ ପ୍ରଧାନଙ୍କ ସଭାପତିତ୍ୱରେ ତଥା ଡ. ସନ୍ତୋଷ ମଲ୍ଲିକଙ୍କ ପରିଚାଳନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଦୀପକ ପଣ୍ଡା କହିଲେ, ଓଡ଼ିଶାକୁ କଂଗ୍ରେସକୁ ଆଣିବାରେ ଚନ୍ଦ୍ରଶେଖର ବେହେରା ଭଗୀରଥ ଅଟନ୍ତି। ୧୯୧୯ରେ ଉତ୍କଳ ସମ୍ମିଳନୀର ପୁରୀ ଅଧିବେଶନରେ ନିଜର ଅଧ୍ୟକ୍ଷୀୟ ଅଭିଭାଷଣରେ ଚନ୍ଦ୍ର ଶେଖର ବେହେରା ସର୍ବଭାରତୀୟ ସଂଗଠନ ସହ ଯୋଡ଼ି ହେବାର ପ୍ରଥମ ପ୍ରସ୍ତାବ ରଖିଥିଲେ। ୧୯୨୦ରେ କଂଗ୍ରେସର ନାଗପୁର ଅଧିବେଶନରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ରାଜ୍ୟ ଗଠନ ପ୍ରସଂଗ ପ୍ରଥମେ ଉଠାଇ ଥିଲେ। ୧୯୦୮ରେ ସମ୍ବଲପୁରରେ ଛାତ୍ରଙ୍କ ବିଦେଶୀ ବସ୍ତ୍ର ପୋଡ଼ି, ୧୯୨୧ରେ ଜିଲ୍ଲା ସ୍କୁଲ ଛାତ୍ରଙ୍କ ଶ୍ରେଣୀ ବର୍ଜନ, କଂଗ୍ରେସର କାକିନାଡ଼ା ଅଧିବେଶନକୁ ଭାଗୀରଥି ପଟ୍ଟନାୟକଙ୍କ ପଦବ୍ରଜରେ ଯାତ୍ରା, ଲକ୍ଷ୍ମୀନାରାୟଣ ମିଶ୍ର ବିଭିନ୍ନ ସମୟରେ ମୋଟ ୧୭ ବର୍ଷ କାରାବରଣ କରିବା, ପ୍ରଫୁଲ୍ଲ ପଟ୍ଟନାୟକ ଏବଂ ପାର୍ବତୀ ଗିରିଙ୍କ ଦ୍ୱାରା ପୃଥକ୍ ଭାବରେ ଦୁଇଥର ବରଗଡ଼ ଏସଡିଓ କୋର୍ଟ ଦଖଲ, ପାଣିମୋରାରେ ୩୪ ଜଣ କାରାବରଣ ପାଇଁ ଆଗଭର ହେବା, ଖଦି କାର୍ଯ୍ୟକ୍ରମ ଓ ନିଶା ନିବାରଣରେ ଅଭୂତପୂର୍ବ ସଫଳତା, ପ୍ରଜା ଆନ୍ଦୋଳନରେ ସମ୍ବଲପୁରର ଭୂମିକା ସଂପର୍କରେ ବର୍ଣ୍ଣନା କରି ସ୍ୱାଧୀନତା ଆନ୍ଦୋଳନରେ ସମ୍ବଲପୁର ଅଗ୍ରଣୀ ଭୂମିକା ନେଇଥିଲେ ହେଁ ଯଥାର୍ଥ ସ୍ଥାନ ଦିଆଯାଇନଥିବା କିମ୍ବା ପାଠ୍ୟପୁସ୍ତକରେ ଠିକ୍ ଭାବରେ ଉଲ୍ଲିଖିତ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଡ. ପତିତପାବନ ମିଶ୍ର କହିଲେ ଯେ, ୧୯୪୨ ହେଉଛି ବିଶ୍ୱବ୍ୟାପି ଉଦ୍‌ବେଳନର ବର୍ଷ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଡ. ଏନ. ନାଗାରାଜୁ, ପିଜି କାଉନସିଲ୍‌ର ଅଧ୍ୟକ୍ଷ ପ୍ର. ସୁଶାନ୍ତ କୁମାର ଦାଶ, ଉପକୁଳସଚିବ ଡ. ଉମାଚରଣ ପତି ପ୍ରମୁଖ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଡ. ପରମତାପ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଡିନ୍ (ଗବେଷଣା) ଡ.ଜ୍ଞାନ ରଂଜନ ସ୍ୱାଇଁ, ଭୀମଭୋଇ ଚେୟାରର ପ୍ରଫେସର ଡ. ପ୍ରଦୀପ ପଣ୍ଡା, ଡ. ସସ୍ମିତାରାଣୀ ଶାସନୀ, ଡ. ଦ୍ୱାରିକାନାଥ ନାୟକ, କବି ସୌଭାଗ୍ୟବନ୍ତ ମହାରଣା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

Media coverage of observation of August Kranti on 9th August 2023







Heritage Awareness programme at Patna house







Heritage Awareness programme at Patna house

# ଜିଏମ୍‌ୟୁ ଇତିହାସ ବିଭାଗ ସମ୍ପ୍ରସାରଣ କାର୍ଯ୍ୟକ୍ରମ



ପାଟଣା ରାଜପ୍ରାସାଦ ପରିଦର୍ଶନ କରିବା ଅବସରରେ ଛାତ୍ରୀଛାତ୍ର ।

ସମ୍ବଲପୁର,୨୮।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗକୁ ସମ୍ପ୍ରସାରଣକରି ସମାଜ ସହ ଯୋଡ଼ିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଇତିହାସ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଫଳରେ ଉକ୍ତ ବିଭାଗର ଛାତ୍ରୀଛାତ୍ର କେବଳ ଶ୍ରେଣୀକକ୍ଷର ଚାରିକାନ୍ଥ ମଧ୍ୟରେ ସୀମିତ ନ ରହି ସମାଜ ତଥା ସାଧାରଣ ଜନତାଙ୍କ ସହ ଯେଭଳି ଯୋଡ଼ିହୋଇପାରିବେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଇତିହାସ ବିଭାଗ ଛାତ୍ରୀଛାତ୍ର ଏଠାରେ ଅବସ୍ଥିତ ପାଟଣା ରାଜପ୍ରାସାଦ ପରିଦର୍ଶନକରି ଏହାର ଐତିହାସିକ ପୃଷ୍ଠଭୂମିଠାରୁ ଆରମ୍ଭ କରି ଏହା ବହନ କରୁଥିବା ଆମ ସଂସ୍କୃତିର ଉପାଦାନକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । ଏହି ଐତିହ୍ୟର ଗୁରୁତ୍ୱ ସମ୍ପର୍କରେ ଲୋକଙ୍କୁ ସୂଚନା ଦେବା ସହ ସେମାନଙ୍କଠାରୁ ଏ ସମ୍ପର୍କିତ ଲୋକକଥା ଆଧାରିତ ତଥ୍ୟ ସଂଗ୍ରହ କରିଥିଲେ । ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ଲୋକଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ । ସମ୍ବଲପୁରସ୍ଥିତ ପାଟଣା ରାଜପ୍ରାସାଦ ବଲାଙ୍ଗୀର ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିବାବେଳେ ଏହା ଅନେକ ଐତିହାସିକ ଘଟଣାବଳୀର ମୂକସାକ୍ଷୀ । ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏହି ଐତିହ୍ୟଟି ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଛାତ୍ରୀଛାତ୍ର ଶେଷରେ ଏକ ରାଲି ଜରିଆରେ ଜନସାଧାରଣଙ୍କୁ ଏହି ଐତିହ୍ୟ ସମ୍ପର୍କରେ ଅବଗତକରି ଏହାର ରକ୍ଷଣାବେକ୍ଷଣ ପାଇଁ ସହଯୋଗ କାମନା କରିଥିଲେ ।

Media coverage of Heritage Awareness programme at Patna House.

**ଜିଏମୟୁର ଇତିହାସ ବିଭାଗର ସମ୍ପ୍ରସାରିତ କାର୍ଯ୍ୟକ୍ରମ**

# ଐତିହ୍ୟ ରକ୍ଷଣାବେକ୍ଷଣ ସଚେତନତା

■ ସମ୍ବଲପୁର, ତା୨୮।୧୧(ପିଏନଏସ) ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) କୁ ସମାଜ ସହିତ ଯୋଡ଼ିବା ପାଇଁ ଇତିହାସ ବିଭାଗ ଅଭିନବପ୍ରୟାସଆରମ୍ଭକରିଛି ।ଏହିପରିପ୍ରେକ୍ଷୀରେ ଇତିହାସ ବିଭାଗ ଏକ ସମ୍ପ୍ରସାରିତ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଯେଉଁଥିରେ ଛାତ୍ରଛାତ୍ରୀ କେବଳ ଶ୍ରେଣୀକକ୍ଷର ଚାରିକାନ୍ଥ ଭିତରେ ଆବଦ୍ଧ ନରହି ସମାଜ ସହ ଯୋଡ଼ି ହେବେ । ଏହି ଅବସରରେ ଛାତ୍ରଛାତ୍ରୀ ଜନ ସଚେତନତା ରାଲି କରି ଐତିହ୍ୟ ରକ୍ଷଣାବେକ୍ଷଣ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ । ଇତିହାସ ବିଭାଗର ଛାତ୍ରଛାତ୍ରୀ ଏଠାରେ ଅବସ୍ଥିତ ପାଟଣା ରାଜପ୍ରାସାଦକୁ ଯାଇ ଲୋକମାନଙ୍କୁ ଏହାର ଐତିହାସିକତା ଏବଂ ଏହା ଆମ ସଂସ୍କୃତିର ପରିଚୟ ବୋଲି ବୁଝାଇଥିଲେ । ଏହି କାର୍ଯ୍ୟକ୍ରମଟି ଇତିହାସ ବିଭାଗର ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନଙ୍କ ମାର୍ଗଦର୍ଶନରେ ୬୦ରୁ ଅଧିକ ଛାତ୍ରଛାତ୍ରୀ ରହି ଲୋକମାନଙ୍କୁ ସଚେତନ କରାଇଥିଲେ । ଏହି ପାଟଣା ରାଜପ୍ରାସାଦ



ବଲାଙ୍ଗୀର ରାଜା ନିର୍ମାଣ କରାଇଥିଲେ । ଏହି ଐତିହ୍ୟ ବହୁ ଐତିହାସିକ ଘଟଣାର ମୂକସାକ୍ଷୀ । ମାତ୍ର ଦୁଃଖର ବିଷୟ ଯେ, ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି । ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକମାନଙ୍କୁ ଏହାର ଗୁରୁତ୍ୱକୁ ବୁଝାଇଥିଲେ । ଛାତ୍ରଛାତ୍ରୀ ଜନ ସଚେତନତା ରାଲି କରି ଲୋକମାନଙ୍କୁ ଏହି ଦୁର୍ଲଭ ଐତିହ୍ୟର ରକ୍ଷଣାବେକ୍ଷଣ ଉପରେ ବୁଝାଇଥିଲେ ।

# ଜିଏମ୍‌ୟୁ ଇତିହାସ ବିଭାଗର ସମ୍ପ୍ରସାରିତ କାର୍ଯ୍ୟକ୍ରମ



ସମ୍ବଲପୁର,୨୮।୧୧(ବ୍ୟୁରୋ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ବିଶ୍ୱବିଦ୍ୟାଳୟକୁ ସମାଜ ସହିତ ଯୋଡିବା ପାଇଁ ଅଭିନବ ପ୍ରୟାସ ଆରମ୍ଭ କରିଛି । ଯେଉଁଥିରେ ଛାତ୍ରଛାତ୍ରୀ କେବଳ ଶ୍ରେଣୀକକ୍ଷର ଚାରି କାନ୍ଥ ଭିତରେ ଆବଦ୍ଧ ନରହି ସମାଜ ସହ ଯୋଡି ହେବେ । ତେଣୁ ଆଜି ବିଭାଗର ଛାତ୍ରଛାତ୍ରୀ ପାଟଣା ରାଜପ୍ରାସାଦକୁ ଯାଇ ଲୋକଙ୍କୁ ଏହାର ଐତିହାସିକତା ଏବଂ ସଂସ୍କୃତିର ପରିଚୟର ଉପାଦାନ ବୁଝାଇଥିଲେ । କାର୍ଯ୍ୟକ୍ରମଟି ବିଭାଗର ମୁଖ୍ୟ ଡ଼.ଅତୁଲ କୁମାର ପ୍ରଧାନଙ୍କ ମାର୍ଗଦର୍ଶନରେ ହୋଇଥିଲା । ଷାଠିଏରୁ ଅଧିକ ଛାତ୍ରଛାତ୍ରୀ ରହି ଲୋକଙ୍କୁ ସଚେତନ କରାଇଥିଲେ । ରାଜପ୍ରାସାଦକୁ ବଲାଙ୍ଗିର ରାଜା ନିର୍ମାଣ କରାଇଥିଲେ । ଏହି ଐତିହ୍ୟ ବହୁ ଐତିହାସିକ ଘଟଣାର ମୁକସାକ୍ଷୀ, ମାତ୍ର ଦୁଃଖ ବିଷୟ ଏହି କି ଯେ ଆଜି ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଏହି ସ୍ଥାନୀୟ ଲୋକଙ୍କୁ ଏହାର ଗୁରୁତ୍ୱ ବୁଝାଇଥିଲେ ଏବଂ ବିଭିନ୍ନ ଲୋକ କଥା ଶୁଣି ତାହାକୁ ସଂରକ୍ଷୀତ କରିଥିଲେ । ଶେଷରେ ଏକ ଜନସଚେତନତା ରାଲି କରି ଲୋକଙ୍କୁ ଏହି ଦୁର୍ଲଭ ଐତିହ୍ୟର ରକ୍ଷଣା ବାଖ୍ୟାନ ଉପରେ ବୁଝାଇଥିଲେ ।

Media coverage of Heritage Awareness programme at Patna House.

# ଜିଏମ୍‌ୟୁ ଇତିହାସ ବିଭାଗର ସମ୍ପ୍ରସାରିତ କାର୍ଯ୍ୟକ୍ରମ

ସମ୍ବଲପୁର, ୨୮।୧୧(ସମିସ): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ବିଶ୍ୱବିଦ୍ୟାଳୟକୁ ସମାଜ ସହିତ ଯୋଡିବା ପାଇଁ ଅଭିନବ ପ୍ରୟାସ ଆରମ୍ଭ କରିଛି। ଏହି ପରିପେକ୍ଷୀରେ ଇତିହାସ ବିଭାଗ ଏକ ସମ୍ପ୍ରସାରିତ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଯେଉଁଥିରେ ଛାତ୍ରଛାତ୍ରୀମାନେ କେବଳ ଶ୍ରେଣୀକକ୍ଷରୁ ବାହାରି ସମାଜ ସହ ଯୋଡି ହେବେ। ତେଣୁ ଆଜି ଇତିହାସ ବିଭାଗର ଛାତ୍ରଛାତ୍ରୀମାନେ ପାଟଣା ରାଜପ୍ରାସାଦକୁ ଯାଇ ଲୋକମାନଙ୍କୁ ଏହାର ଐତିହାସିକତା ଏବଂ ଏହା ସଂସ୍କୃତିର ପରିଚୟ ବହନ କରେ ତାହା ଲୋକମାନଙ୍କୁ ବୁଝାଇଥିଲେ। ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ଡ଼ ଅତୁଲ କୁମାର ପ୍ରଧାନଙ୍କ ମାର୍ଗଦର୍ଶନରେ ୬୦ରୁ ଅଧିକ ଛାତ୍ରଛାତ୍ରୀମାନେ ଲୋକଙ୍କୁ ସଚେତନ କରାଇଥିଲେ। ଏହି ପାଟଣା ରାଜପ୍ରାସାଦ ବଲାଙ୍ଗୀର ରାଜା ନିର୍ମାଣ କରାଇଥିଲେ।ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଶେଷରେ ଏକ ଜନ ସଚେତନତା ରାଲିକରି ଲୋକମାନଙ୍କୁ ଏହି ଦୁର୍ଲଭ ଐତିହର ରକ୍ଷଣାବେକ୍ଷଣ ଉପରେ ବୁଝାଇଥିଲେ।



# ଛାତ୍ରଛାତ୍ରୀଙ୍କ ପାଟଣା ରାଜପ୍ରାସାଦ ପରିଦର୍ଶନ

## ଜିଏମ୍‌ୟୁ ଇତିହାସ ବିଭାଗର ସମ୍ପ୍ରସାରିତ କାର୍ଯ୍ୟକ୍ରମ

ସମ୍ବଲପୁର,୨୮।୧୧(କାର୍ଯ୍ୟାଳୟ): ପାଟଣା ରାଜପ୍ରାସାଦ ଐତିହାସିକତା ତଥା ସଂସ୍କୃତିର ପରିଚୟ ବହନ କରୁଛି। ରାଜପ୍ରାସାଦକୁ ବଲାଙ୍ଗୀର ରାଜା ନିର୍ମାଣ କରାଇଥିଲେ। ଏହା ବହୁ ଐତିହାସିକ ଘଟଣାବଳୀର ମୁକସାକ୍ଷୀ ଅଟେ।.ତେବେ, ବର୍ତ୍ତମାନ ତାହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହାର ଗୁରୁତ୍ୱ ଏବଂ ସଂରକ୍ଷଣ ବିଷୟରେ ପରିଦର୍ଶନ କରିବାକୁ ଯାଇଥିବା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଜନସାଧାରଣଙ୍କୁ ସଚେତନ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ଐତିହାସିକ କିର୍ତ୍ତୀରାଜି ସହ ଗୌରବମୟ ଇତିହାସ ଅବଗତ କରିବା ସକାଶେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ସମ୍ପ୍ରସାରିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ମଙ୍ଗଳବାର ଜିଏମ୍‌ୟୁ ଇତିହାସ ବିଭାଗ ଛାତ୍ରଛାତ୍ରୀମାନେ ପାଟଣା ରାଜପ୍ରାସାଦ ପରିଦର୍ଶନ କରିଛନ୍ତି। ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଡଃ ଅତୁଲ କୁମାର ପ୍ରଧାନଙ୍କ ମାର୍ଗଦର୍ଶନରେ ଷାଠିଏରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମ୍ବଲପୁର ଇତିହାସ ସହିତ ନିଜେ ଅବଗତ ହେବାସହ ଲୋକମାନଙ୍କୁ ସଚେତନ କରିଥିଲେ। ଶେଷରେ ଏକ ଜନସଚେତନତା ରାଲି ଆୟୋଜିତ ହୋଇଯାଇଛି। ସମ୍ବଲପୁରରେ ବହୁ ଐତିହାସିକ କିର୍ତ୍ତୀରାଜି ଜରାଜୀର୍ଣ୍ଣ ଅବସ୍ଥାରେ ରହିବା ସହ ଲୁପ୍ତପ୍ରାୟ ହେବାକୁ ନେଇ ପ୍ରଫେସର ପ୍ରଧାନ କ୍ଷୋଭ ପ୍ରକାଶ କରିଛନ୍ତି।



Media coverage of Heritage Awareness programme at Patna House.

# ଇତିହାସର ମୂକସାକ୍ଷୀ ପାଟଣା ରାଜପ୍ରସାଦ

ସମ୍ବଲପୁର,(ସବ୍ୟୁ):ସମ୍ବଲପୁର ସହର ବାଲିବନ୍ଧା ନିକଟରେ ପାଟଣା ରାଜପ୍ରସାଦ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପାଟଣା ମହାରାଜା ପୃଥିରାଜ ସିଂହଦେଓ ୧୯୧୭ମସିହାରେ ଏହା ନିର୍ମାଣ କରିଥିଲେ । ସେ ୧୫ଶହ ଟଙ୍କା ପ୍ରିମିୟମ ଦେଇ ୩ଏକର ୫ଡେସିମିଲ ଜମି ଲିଜ୍ ସୂତ୍ରରେ ନେଇ ଏହା ନିର୍ମାଣ କରିଥିବା ଜଣାପଡିଛି । ସମ୍ବଲପୁର ମୂଳ ନିବାସୀ ତଥା ଦେଓ୍ୱାନ ବାଳମୁକୁନ୍ଦ ବହିଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ନିର୍ମିତ ହୋଇଥିଲା । ଏହା ଇତିହାସର ମୂକସାକ୍ଷୀ ପାଲଟିଥିବା ବେଳେ ଆମ ସଂସ୍କୃତିର ପରିଚୟ ମଧ୍ୟ ବହନ କରୁଛି ।

ସମ୍ବଲପୁର ଇଂରେଜ ଶାସନାଧିନ ଥିଲା । ଏଠାରେ ଇଂରେଜ ସରକାରଙ୍କ ପଲିଟିକାଲ ଏଜେଣ୍ଟ ମାନେ ରହି ଶାସନ ପରିଚାଳନା କରୁଥିଲେ । ରାଜାଙ୍କ ସୁବିଧା ପାଇଁ ଖଣ୍ଡିଏ ଲେଖାଁଏ ଜାଗା ଦେଇ ଆବାସ କରିବାକୁ କୁହାଯାଇଥିଲା । ଏହିକ୍ରମରେ କେନ୍ଦୁଝର, ସୋନପୁର, ବାମଣ୍ଡା, ଗାଙ୍ଗପୁର ଆଦି ରାଜା ମାନେ ଗୃହ ନିର୍ମାଣ କରିଥିଲେ । ପାଟଣା ମହାରାଜା ପୃଥିରାଜ ସିଂହଦେଓଙ୍କୁ ୩୦ବର୍ଷ ପାଇଁ ଲିଜ୍‌ରେ ଏହି ଜମି ପ୍ରଦାନ କରାଯାଇଥିଲା । ୩୧ମାର୍ଚ୍ଚ, ୧୯୪୩ ପର୍ଯ୍ୟନ୍ତ ଜମିର ଲିଜ୍ ଅବଧି ସମୟ ରହିଥିଲା । ମହାରାଜା ଅପୁତ୍ରିକ ଥିବାରୁ ୧୯୨୨ରେ ପୌଷ୍ୟପୁତ୍ର ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ରାଜେନ୍ଦ୍ର ନାରାୟଣ ସିଂହଦେଓ ଗଣତନ୍ତ୍ର ପରିଷଦ ଗଠନ କରିଥିଲେ । ସେତେବେଳେ ଏହି ପ୍ରାସାଦ ରାଜନୀତି ଗତିବିଧିର ମୁଖ୍ୟକେନ୍ଦ୍ର ପାଲଟି ଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଖୋଲିବା ପରେ



କିଛି ବିଭାଗ ଏହି ପ୍ରାସାଦରେ ପରିଚାଳିତ ହେଉଥିଲା । ପରେ ବିବାହ ଆଦି ମାଙ୍ଗଳିକ କାର୍ଯ୍ୟପାଇଁ ନିୟୋଜିତ ହୋଇଥିଲା । ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଛି । ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ସମ୍ପ୍ରସାରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଛାତ୍ରଛାତ୍ରୀଙ୍କୁ ଶ୍ରେଣୀକକ୍ଷର ଚାରିକାନ୍ଥରେ ଆବଦ୍ଧ ନରଖି ସମାଜ ସହ ଯୋଡିବାକୁ ପ୍ରୟାସ କରାଯାଉଛି । ଏଭଳିସ୍ଥଳେ ରଜାବଖରୀ ସଫେଇ ସହ ଛାତ୍ରଛାତ୍ରୀମାନେ ପାଟଣା ରାଜପ୍ରସାଦ ଭ୍ରମଣରେ ଯାଇଥିଲେ । ଇତିହାସ ବିଭାଗର ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନଙ୍କ ମାର୍ଗଦର୍ଶନରେ ୬୦ରୁ ଅଧିକ ଛାତ୍ରଛାତ୍ରୀ ଯାଇ ଜରାଜୀର୍ଣ୍ଣ ରାଜପ୍ରସାଦ ବୁଲି ଦେଖିଥିଲେ । ସ୍ଥାନୀୟ ଲୋକଙ୍କୁ ଏହାର ଗୁରୁତ୍ୱ ଓ ଇତିହାସ ସମ୍ପର୍କରେ ବୁଝାଇଥିଲେ । ପରେ ସଚେତନତା ରାଲି କରି ଏହାର ରକ୍ଷଣାବେକ୍ଷଣ କରିବାକୁ ଦାବି କରିଥିଲେ । ଏ ସମ୍ପର୍କରେ ଇନଟାକ୍‌ର ସହ ସଂଯୋଜକ ଦୀପକ ପଣ୍ଡା କହିଛନ୍ତି ଯେ ଏହା ପାଟଣା ରାଜପରିବାର ବ୍ୟକ୍ତିଗତ ସମ୍ପତି । ଯଦି ଏହି ଭୂମି ସରକାରଙ୍କ ନିକଟକୁ ହସ୍ତାନ୍ତର ହୁଏ ତେବେ ଏହାର ଜୀର୍ଣ୍ଣୋଦ୍ଧାର ହୋଇପାରିବ ବୋଲି କହିଥିଲେ ।

# ଜିଏମ୍‌ୟୁ ଇତିହାସ ବିଭାଗର ସମ୍ପ୍ରସାରିତ କାର୍ଯ୍ୟକ୍ରମ



ସମ୍ବଲପୁର, ୨୮/୧୧(ଇମିସ) : ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ବିଶ୍ୱବିଦ୍ୟାଳୟକୁ ସମାଜ ସହିତ ଯୋଡ଼ିବା ପାଇଁ ଏକ ସମ୍ପ୍ରସାରିତ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଯେଉଁଥିରେ ଛାତ୍ରଛାତ୍ରୀମାନେ କେବଳ ଶ୍ରେଣୀକକ୍ଷର ଚାରି କାନ୍ଥ ଭିତରେ ଆବଦ୍ଧ ନରହି ସମାଜ ସହ ଯୋଡ଼ି ହେବେ। ତେଣୁ ଆଜି ଇତିହାସ ବିଭାଗର ଛାତ୍ରଛାତ୍ରୀମାନେ ଏଠାରେ ଅବସ୍ଥିତ ପାଟଣା ରାଜପ୍ରାସାଦକୁ ଯାଇ ଲୋକମାନଙ୍କୁ ଏହାର ଐତିହାସିକତା ଏବଂ ଏହା ଆମ ସଂସ୍କୃତିର ପରିଚୟର ଉପାଦାନ ତାହା ଲୋକମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମଟି ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ଡ. ଅତୁଲ ପ୍ରଧାନଙ୍କ ମାର୍ଗଦର୍ଶନରେ ପ୍ରାୟ ୬୦ରୁ ଅଧିକ ଛାତ୍ରଛାତ୍ରୀ ଲୋକମାଙ୍କୁ ସଚେତନ କରାଇଥିଲେ। ଛାତ୍ରଛାତ୍ରୀମାନେ ଏକ ଜନସଚେତନତା ରାଲି କରି ଐତିହ୍ୟର ରକ୍ଷଣାବେକ୍ଷଣ ଉପରେ ଲୋକଙ୍କୁ ବୁଝାଇଥିଲେ।

Media coverage of Heritage Awareness programme at Patna House.







Heritage Walk from town hall to Lakshinath bezbaroa house










Resource persons, and participants in  the Heritage Walk from town hall to Lakshinath Bezbaroa house







Students and participants in the Heritage walk


SADHANA GRUHA
SAHITYARATHI LAKSHMINATH BEJBARUAH


SADHANA GRUHA


HERITAGE AWARENESS PROGRAMME
SCHOOL OF HISTORY

# ଐତିହ୍ୟ ସୁରକ୍ଷା ଲାଗି ସଚେତନତା ଲୋଡ଼ା

■ ସମ୍ବଲପୁର, ତା୮୮।୯(ପିଏନଏସ) ଭିକ୍ଟୋରିଆ ହଲ ଭାବରେ ନିର୍ମିତ କୋଠା ପାଇଁ ୧୯୦୨ ମସିହାରେ ଶୁଭା ଦିଯାଇଥିଲା ଏବଂ ୧୯୦୪ ମସିହାରେ ଉଦ୍‌ଘାଟିତ ହୋଇଥିଲା । ଭବନର ନିର୍ମାଣ ପାଇଁ ସେତେବେଳ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଜମିଦାର, ଗୌନ୍ତିଆ ତଥା ବ୍ୟବସାୟୀଙ୍କ ଅନୁଦାନ ରାଶି ସଂଗ୍ରହ କରାଯାଇଥିଲା । ସ୍ୱାଧୀନତା ପରେ ବୀର ସୁରେନ୍ଦ୍ର ସାଏ ଟାଉନ ହଲ ଭାବେ ଏହି କୋଠାକୁ ପୁନଃନାମିତ କରାଯାଇଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଐତିହ୍ୟ ପଦଯାତ୍ରା ଆୟୋଜିତ ହୋଇଯାଇଛି । ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ବିଶ୍ୱବିଦ୍ୟାଳୟରୁ ବାହାରି ବୀର ସୁରେନ୍ଦ୍ର ସାଏ ଟାଉନ ହଲରେ ପହଞ୍ଚିଥିଲେ । ଏହାପରେ ଛାତ୍ରଛାତ୍ରୀମାନେ ବେଜବରୁଆ ଭବନକୁ ଯାଇ ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆ ଓ ବେଜବରୁଆ ଭବନ ବାବଦରେ ଅବଗତ ହୋଇଥିଲେ । ଶୋଭାଯାତ୍ରାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ ନାଗରାଜୁ, ଇତିହାସ ବିଭାଗର ମୁଖ୍ୟ ଡ. ଅତୁଲ ପ୍ରଧାନ ଓ ସହାୟକ ପ୍ରଧାପକ ସନ୍ତୋଷ କୁମାର ମଲ୍ଲିକ, ନୃତତ୍ତ୍ୱ ବିଭାଗ ମୁଖ୍ୟ ଡ. ବିଭୁକଲ୍ୟାଣ ମହାନ୍ତି ଏବଂ ସଂସ୍କୃତି ବିଭାଗର ସହାୟକ ପ୍ରାଧାପକ ଡ. ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ସାମିଲ ହୋଇଥିଲେ ।

କୁଳପତି ପ୍ରଫେସର ନାଗରାଜୁ କହିଲେ ଯେ, ସମୃଦ୍ଧ ଇତିହାସ, ସଂସ୍କୃତି ଓ ପରମ୍ପରାକୁ ନେଇ ଭାରତୀୟ ସଭ୍ୟତା ହଜାର ହଜାର ବର୍ଷ ଧରି ଇତିହାସର ମୂକସାକ୍ଷୀ ଭାବେ ରହିଛି । ଐତିହ୍ୟର ସୁରକ୍ଷା ତଥା ଭାରତର ସମୃଦ୍ଧ ଛାତ୍ରଛାତ୍ରୀଙ୍କ ଉପରେ ନିର୍ଭର କରୁଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ ପ୍ରଧାନ କହିଲେ ଯେ, ସମ୍ବଲପୁରରେ ମଧ୍ୟକାଳୀନ ଇତିହାସ ତଥା ଚୌହାନ ବଂଶଠାରୁ ଆରମ୍ଭ କରି ବ୍ରିଟିଶକାଳ ପର୍ଯ୍ୟନ୍ତ ଯେଉଁ ସ୍ଥାପତ୍ୟକଳା ରହିଥିଲା ତାହା ଏବେ ଧ୍ୱଂସାଭିମୁଖୀ ହେଲାଣି । ଦୁର୍ଲଭ ଐତିହ୍ୟର ସୁରକ୍ଷା, ସଚେତନା ପାଇଁ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାକୁ ଏଭଳି ଐତିହ୍ୟ ପଦଯାତ୍ରାର ଆବଶ୍ୟକତା ରହିଛି ।

---

# ଜିଏମ୍‌ୟୁ ପକ୍ଷରୁ ହେରିଟେଜ୍ ୱାକ୍

ସମ୍ବଲପୁର,୬।୯(ବ୍ୟୁରୋ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆଜି ହେରିଟେଜ୍ ୱାକ୍ ବା ଐତିହ୍ୟ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ବାହାରି ବୀର ସୁରେନ୍ଦ୍ର ସାଏ ଟାଉନ ହାଲ୍‌ରେ ପହଞ୍ଚିଥିଲେ । ଏହି ଅବସରରେ ସେଠାରେ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା । ବିଶ୍ୱବିଦ୍ୟାଳୟ କୁଳପତି ପ୍ର. ଏନ. ନାଗାରାଜୁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, ସମୃଦ୍ଧ ଇତିହାସ, ସଂସ୍କୃତି ଓ ପରମ୍ପରା କାରଣରୁ ଭାରତୀୟ ସଭ୍ୟତା ହାଜାର ହାଜର ବର୍ଷ ଧରି ମୁଣ୍ଡ ଟେକି ଛିଡ଼ା ହୋଇଛି । ଆଜିର ଛାତ୍ର ଆସନ୍ତା କାଲିର ନାଗରିକ, ସେମାନଙ୍କ ଉପରେ ଐତିହ୍ୟର ସୁରକ୍ଷା ଓ ଜୀର୍ଣ୍ଣୋଦ୍ଧାର ଜରିଆରେ ଭାରତର ସମୃଦ୍ଧି ନିର୍ଭର କରୁଛି । ଇନଟାକ୍ ସମ୍ବଲପୁର ଚାପ୍ଟର ଯୁଗ୍ମ ଆବାହକ ପ୍ରଦୀପ କୁମାର ପଣ୍ଡା ଏହାର ଇତିହାସ ବାବଦରେ ସୂଚନା ଦେଇଥିଲେ । ଭିକ୍ଟୋରିଆ ହଲ ଭାବେ ଏହି ଭବନର ନିର୍ମାଣ ପାଇଁ ୧୯୦୨ ମସିହାରେ ଶୁଭ ଦିଆଯାଇଥିଲା । ଭବନର ନିର୍ମାଣ ପାଇଁ ତତ୍କାଳିନ ବିଶାଳ ସମ୍ବଲପୁର ଜିଲ୍ଲାର ଜମିଦାର, ଗୌନ୍ତିଆ ତଥା ଅଗ୍ରଣୀ ବ୍ୟବସାୟୀଙ୍କ ଠାରୁ ଅନୁଦାନ ରାଶି ସଂଗ୍ରହ କରାଯାଇଥିଲା । ସ୍ୱାଧୀନତା ପରେ ବୀର ସୁରେନ୍ଦ୍ର ସାଏ ଟାଉନ ହଲ ଭାବେ ଏହି ଭବନର ପୁନଃ ନିର୍ମାଣ କରାଯାଇଥିଲା । ଶ୍ରୀ ପଣ୍ଡା ଇଣ୍ଟାକ୍ ଓ ଏହାର କାର୍ଯ୍ୟକଳାପ ବାବଦରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ । ଛାତ୍ରଛାତ୍ରୀ ଟାଉନ୍ ହଲ ବୁଲି ଦେଖିବା ସହ ଏଠାରେ ଚାଲିଥିବା ସଂଗ୍ରହାଳୟର ସ୍ଥାପନ ବାବଦରେ ଅବଗତ ହୋଇଥିଲେ ।

ପରେ ଛାତ୍ରଛାତ୍ରୀ ପଟ୍ଟଆରରେ ବେଜବରୁଆ ଭବନକୁ ଯାଇଥିଲେ । ବିଶ୍ୱବିଦ୍ୟାଳୟ କୁଳପତି ଶ୍ରୀ ନାଗାରାଜୁ ମଧ୍ୟ ଛାତ୍ରଛାତ୍ରୀଙ୍କ ସହ ସେଠାକୁ ଯାଇଥିଲେ । ଶ୍ରୀ ପଣ୍ଡା ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆ ଓ ବେଜବରୁଆ ଭବନ ବାବଦରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ । ଅଧ୍ୟାପକ ସନ୍ତୋଷ କୁମାର ମଲ୍ଲିକ ନୃତତ୍ୱ ବିଭାଗର ଅଧ୍ୟାପକ ଡ. ବିଭୁ କଲ୍ୟାଣ ମହାନ୍ତି, ସଂସ୍କୃତ ବିଭାଗର ସହାୟକ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ଛାତ୍ରଛାତ୍ରୀଙ୍କ ସହ ଯୋଗ ଦେଇଥିଲେ । ପୂର୍ବରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ରାଜା ବଖରୀ, ଗୋପାଳଜୀ ମଠ ଓ ସମଲେଶ୍ୱରୀ ମନ୍ଦିରରେ ଅନୁରୂପ ଐତିହ୍ୟ ଯାତ୍ରା ଆୟୋଜିତ ହୋଇଥିଲା ।

Media coverage of Heritage Walk

# ଇତିହାସ ବିଭାଗ ପକ୍ଷରୁ 'ଐତିହ୍ୟ ପଦଯାତ୍ରା'

ସମ୍ବଲପୁର,୭।୯ (କାର୍ଯ୍ୟାଳୟ): ଭିକ୍ଟୋରିଆ ହଲ ଭାବରେ ନିର୍ମିତ କୋଠା ପାଇଁ ୧୯୦୨ ମସିହାରେ ଶୁଭ ଦିଆଯାଇଥିଲା ଏବଂ ୧୯୦୪ ମସିହାରେ ଏହା ଉଦ୍‌ଘାଟିତ ହୋଇଥିଲା। ଭବନର ନିର୍ମାଣ ପାଇଁ ସେତେବେଳର ଅବିଭକ୍ତ ସମ୍ବଲପୁର ଜିଲାର ଜମିଦାର, ଗୌନ୍ତିଆ ତଥା ବ୍ୟବସାୟୀ ମାନଙ୍କଠାରୁ ଅନୁଦାନ ରାଶି ସଂଗ୍ରହ କରାଯାଇଥିଲା। ସ୍ୱାଧୀନତା ପରେ ବୀର ସୁରେନ୍ଦ୍ର ସାଏ ଟାଉନ ହଲ ଭାବରେ ଏହି କୋଠାକୁ ପୁନଃନାମିତ କରାଯାଇଛି ବୋଲି ଇନ୍‌ଟାକ, ସମ୍ବଲପୁର ଚାପ୍ଟରର ଯୁଗ୍ମଆବାହକ ଦୀପକ କୁମାର ପଣ୍ଡା। କୋଠାର ସ୍ଥାପତ୍ୟ ବର୍ଣ୍ଣନା କରିବାସହ ଶ୍ରୀ ପଣ୍ଡା ଇନ୍‌ଟାକ ଓ ତାହାର କାର୍ଯ୍ୟବିଧି ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ 'ଐତିହ୍ୟ ପଦଯାତ୍ରା' ବା 'ହେରିଟେଜ ୱାକ୍' ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ବିଶ୍ୱବିଦ୍ୟାଳୟରୁ ବାହାରି ଲକ୍ଷ୍ମୀଟକିଜ ଛକଦେଇ ବୀର ସୁରେନ୍ଦ୍ର ସାଏ ଟାଉନ ହଲରେ ପହଞ୍ଚିଥିଲେ। ଏହାପରେ ଛାତ୍ରଛାତ୍ରୀମାନେ ବେଜବରୁଆ ଭବନକୁ ଯାଇ ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆ ଓ ବେଜବରୁଆ ଭବନ ବାବଦରେ ଅବଗତ ହୋଇଥିଲେ।



ଶୋଭାଯାତ୍ରାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ. ନାଗରାଜୁ, ଇତିହାସ ବିଭାଗ ମୁଖ୍ୟ ଡଃ ଅତୁଲ ପ୍ରଧାନ ଓ ସହାୟକ ପ୍ରାଧ୍ୟାପକ ସନ୍ତୋଷ କୁମାର ମଲ୍ଲିକ, ନୃତତ୍ତ୍ୱ ବିଭାଗୀୟ ମୁଖ୍ୟ ଡଃ ବିଭୂକଲ୍ୟାଣ ମହାନ୍ତି ଏବଂ ସଂସ୍କୃତ ବିଭାଗର ସହାୟକ ପ୍ରାଧ୍ୟାପକ ଡଃ ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

କୁଳପତି ପ୍ରଫେସର ନାଗରାଜୁ କହିଲେ ଯେ, ସମୃଦ୍ଧ ଇତିହାସ, ସଂସ୍କୃତି ଓ ପରମ୍ପରାକୁ ନେଇ ଭାରତୀୟ ସଭ୍ୟତା ହଜାର ହଜାର ବର୍ଷ ଧରି ଇତିହାସର ମୂକସାକ୍ଷୀ ଭାବେ ରହିଛି। ଐତିହ୍ୟର ସୁରକ୍ଷା ତଥା ଭାରତର ସମୃଦ୍ଧି ଛାତ୍ରଛାତ୍ରୀଙ୍କ ଉପରେ ନିର୍ଭର କରୁଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡଃ ଅତୁଲ ପ୍ରଧାନ କହିଲେ ଯେ, ସମ୍ବଲପୁରରେ ମଧ୍ୟକାଳୀନ ଇତିହାସ ତଥା ଚୌହାନ ବଂଶଠାରୁ ଆରମ୍ଭ କରି ବ୍ରିଟିଶକାଳ ପର୍ଯ୍ୟନ୍ତ ଯେଉଁ ସ୍ଥାପତ୍ୟକଳା ରହିଥିଲା ତାହା ଏବେ ଧ୍ୱଂସାଭିମୁଖୀ ହେଲାଣି। ଦୁର୍ଲଭ ଐତିହ୍ୟର ସୁରକ୍ଷା, ସଚେତନତା ପାଇଁ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାକୁ ଏଭଳି 'ଐତିହ୍ୟ ପଦଯାତ୍ରା'ର ଆବଶ୍ୟକତା ରହିଛି ବୋଲି ଡଃ ପ୍ରଧାନ ମତପ୍ରକାଶ କରିଥିଲେ।



বক্তৃতানুষ্ঠানত 'নিউজ এংকৰ, সাংবাদিক আৰু ভিডিঅ' এডিটৰৰ মানসিকতাত ঋণাত্মক বাতৰিৰ প্ৰভাৱ' সন্দৰ্ভত বক্তৃতা আগবঢ়াই 'শ্ৰেষ্ঠ পৰিবেশক'ৰ সন্মান লাভ কৰে 'প্ৰতিদিন টাইম'ৰ সাংবাদিক দেৱপ্ৰতিম বৰুৱাই। অনুষ্ঠানত অতিথি হিচাপে অসমৰ আৱক্ষী বিষয়া বিৰাজ দাসো উপস্থিত থাকে। গুৱাহাটী বিশ্ববিদ্যালয়ৰ অধ্যাপক শ্ৰদ্ধা বসুৰ নেতৃত্বত অসমৰ পৰা চাৰিজনীয়া এটা দলে আলোচনাচক্ৰখনত অংশগ্ৰহণ কৰে। উল্লেখযোগ্য যে বিভিন্ন দেশৰ ৪৫ গৰাকী আলোচকে এই অনুষ্ঠানত অংশগ্ৰহণ কৰে।



■ ৬২ সংখ্যক শিক্ষক দিৱসত কাৰ্বি আংলঙৰ কৃতী শিক্ষকসকলক ডিফুৰ চৰছিং টেৰণ মেম'ৰিয়েল টাউন হলত প্ৰদান কৰা হয় জিলা শিক্ষক বঁটা। কৃতী শিক্ষকৰ বঁটা গ্ৰহণৰ মুহূৰ্তত মাঞ্জাৰ মহেনডিজুৱা চৰকাৰী মধ্য ইংৰাজী বিদ্যালয়ৰ প্ৰধান শিক্ষক হিৰণ্য কুমাৰ বৰা

## গংগাধৰ মেহেৰ বিশ্ববিঃৰ স্কুল অব্ হিষ্টৰীৰ সজাগতা পদযাত্ৰা

# সম্বলপুৰত বেজবৰুৱাৰ ভৱন দৰ্শন শিক্ষাৰ্থীৰ



**সম্বলপুৰ, ৬ ছেপ্টেম্বৰ :** ওড়িশাৰ সম্বলপুৰৰ গংগাধৰ মেহেৰ বিশ্ববিদ্যালয়ৰ স্কুল অব্ হিষ্টৰীৰ উদ্যোগত আজি চহৰখনত উলিওৱা হয় এটা ঐতিহ্য সজাগতা পদযাত্ৰা (হেৰিটেজ ৱাক)। বিশ্ববিদ্যালয়খনৰ উপাচাৰ্য, প্ৰাধ্যাপক এন নাগাৰাজুৱে নেতৃত্ব দি নিজেই পদযাত্ৰাত অংশগ্ৰহণ কৰা উক্ত সমদলটিয়ে প্ৰথমে সম্বলপুৰ চহৰৰ ভি এছ এছ টাউন হললৈ যায় আৰু সেই ভৱনটো চাই তাৰ নিৰ্মাণশৈলীৰ বুজ লয়। তাৰ পাচত সমদলটো যায় সাহিত্যৰথী লক্ষ্মীনাথ বেজবৰুৱাৰ স্মৃতিবিজড়িত তেওঁৰ একালৰ বাসভৱন চৌহদটোৰ ওচৰলৈ। দুয়োটা ঐতিহাসিক স্থানতে সম্বলপুৰৰ জ্যেষ্ঠ সাংবাদিক, লেখক দীপক কুমাৰ পাণ্ডাই ভৱন দুটাৰ ঐতিহাসিক গুৰুত্ব ছাত্ৰ-ছাত্ৰীসকলৰ সন্মুখত ব্যাখ্যা কৰে। গংগাধৰ মেহেৰ বিশ্ববিদ্যালয়ৰ উপাচাৰ্য নাগাৰাজুৱেও বেজবৰুৱাৰ তাহানিৰ বাসভৱন চৌহদৰ নৱনিৰ্মাণ সম্পূৰ্ণ হৈ উঠা সাধনাগৃহৰ বিষয়ে শিক্ষাৰ্থীসকলৰ আগত চমু বক্তব্য আগবঢ়ায়।

# কামৰূপ একাডেমীত সাহিত্য-ক্ৰীড়া প্ৰতিযোগিতা

**গুৱাহাটী, ৬ ছেপ্টেম্বৰ :** কামৰূপ একাডেমী প্ৰাক্তন ছাত্ৰ সন্মিলনে কামৰূপ একাডেমী উচ্চতৰ মাধ্যমিক বিদ্যালয়ৰ সহযোগত অহা ১৫ ছেপ্টেম্বৰৰ পৰা সাহিত্য আৰু ক্ৰীড়াৰ বিভিন্ন প্ৰতিযোগিতাৰ আয়োজন কৰিছে। কামৰূপ একাডেমী প্ৰাক্তন ছাত্ৰ সন্মিলনৰ সভাপতি বলেন্দ্ৰ ভৰালী, সাধাৰণ সম্পাদক প্ৰিন্স ফাইজুল হক আৰু কামৰূপ একাডেমী উচ্চতৰ মাধ্যমিক বিদ্যালয়ৰ অধ্যক্ষ কাবেৰী বৰাই এক বিবৃতিযোগে জনায় যে অহা ৭ ... হাতৰ আখৰ লিখা প্ৰতিযোগিতা অনুষ্ঠিত হ'ব। সদৌ অসম ভিত্তিত হ'বলগা কবিতা প্ৰতিযোগিতা অষ্টম শ্ৰেণীৰ পৰা দশম শ্ৰেণীলৈ 'ক' আৰু একাদশ শ্ৰেণীৰ পৰা দ্বাদশ শ্ৰেণীলৈ 'খ' শাখাত আৰু চুটি গল্প নৱম শ্ৰেণীৰ পৰা দ্বাদশ শ্ৰেণীলৈ অনুষ্ঠিত হ'ব। প্ৰতিযোগীয়ে তেওঁলোকৰ স্বৰচিত লেখাসমূহ অহা ২ অক্টোবৰৰ ভিতৰত ৰঞ্জনজ্যোতি শৰ্মা বৰদলৈ, সভাপতি, প্ৰতিযোগিতা সমিতি, ফোন নং ৯৩৬৫৪-৬৮৪৫৯, কামৰূপ একাডেমী উচ্চতৰ মাধ্যমিক বিদ্যালয়ৰ চতুৰ্থ আৰু পঞ্চম শ্ৰেণীৰ ছাত্ৰ-ছাত্ৰীৰ মাজত হাতৰ আখৰ লিখা প্ৰতিযোগিতা অনুষ্ঠিত হ'ব। ৩ অক্টোবৰৰ পুৱা ১১ বজাৰ পৰা আবৃত্তি আৰু আকস্মিক বক্তৃতা প্ৰতিযোগিতা অনুষ্ঠিত হ'ব। আবৃত্তি প্ৰতিযোগীয়ে স্বনিৰ্বাচিত কবিতা তিনি মিনিটৰ ভিতৰত আবৃত্তি কৰিব লাগিব। অহা ১৫ ছেপ্টেম্বৰৰ পৰা কামৰূপ একাডেমী উচ্চতৰ মাধ্যমিক বিদ্যালয়ৰ ছাত্ৰ-ছাত্ৰীৰ মাজত আন্তঃশ্ৰেণী কেৰম প্ৰতিযোগিতা ...

Heritage walk news published in the news paper of Assam




Observation of International Museum Day 2023






Celebration of Subhas Chandra Bose and Veer Surendra Sai Jayanti






Celebration of World Heritage Week 2023





Celebration of World Heritage Week 2023 at Raja Bakhri







Celebration of World Heritage Week 2023 at Raja Bakhri

# ବହୁବିଧ ଐତିହ୍ୟର ସଂଗମ ସ୍ଥଳ ସମ୍ବଲପୁର

ସମ୍ବଲପୁର,୧୯।୧୧(ବ୍ୟୁରା): ଭାରତ ତଥା ଓଡ଼ିଶା ଇତିହାସରେ ସମ୍ବଲପୁରର ସ୍ଥାନ ବିଶେଷ ଭାବରେ ପରିଗଣିତ ହୋଇଥାଏ। ଇତିହାସର ବିଭିନ୍ନ ପର୍ଯ୍ୟାୟରେ ବହୁବିଧ ଉପାଦାନ ସମ୍ବଲପୁରରେ ଦେଖିବାକୁ ମିଳେ। ପ୍ରଚୀନ କାଳରୁ ଆଧୁନିକ କାଳର ସମସ୍ତ କିର୍ତ୍ତୀରାଜୀଗୁଡ଼ିକୁ ଏହା ନିଜର ବକ୍ଷରେ ଧାରଣ କରିଛି। ଏହି କାରଣରରୁ ସମ୍ବଲପୁରରେ ବହୁବିଧ ଦୁର୍ଲଭ କିର୍ତ୍ତୀରାଜୀ ଦେଖିବାକୁ ମିଳେ। ମାତ୍ର ଦୁଃଖ ଓ ପରିତାପର ବିଷୟ ଏହିକିଯେ, ଏହି କିର୍ତ୍ତୀରାଜୀଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଅସ୍ତିତ୍ୱ ହରାଇବାକୁ ବସିଲାଣି। ସ୍ଥାନୀୟ ଜନସାଧାରଣ ଓ ବର୍ତ୍ତମାନର ପିଢ଼ି ନିଜର ଐତିହ ବିଷୟରେ ଅଜ୍ଞ ଅଛନ୍ତି।

ବିଶ୍ୱ ଐତିହ ସପ୍ତାହ ଉପଲକ୍ଷେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଏକ ଐତିହ୍ୟ ସଚେତନତା କାର୍ଯ୍ୟକ୍ରମ ରାଜା ବଖରି ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଏନ୍. ନାଗାରାଜୁ ଉଦ୍‌ଘାଟନ କରିଥିଲେ। ଇନ୍‌ଟାକ୍ ସଦସ୍ୟ ଡ. ବିଭୁଦତ୍ତ ପ୍ରସାଦ ମିଶ୍ର ଏହି ଐତିହ ବିଷୟରେ ଆଲୋକପତା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ବାବଦରେ ପ୍ରକାଶ କରିଥିଲେ। ସହାୟକ ଅଧ୍ୟାପକ ଡ. ସନ୍ତୋଷ କୁମାର ମଲ୍ଲିକ ସ୍ଥାପତ୍ୟ ବାବଦରେ ସୂଚନା ଦେଇଥିଲେ।

# ବିଶ୍ୱ ଐତିହ୍ୟ ଦିବସ ରାନୀବଖ୍ରୀରେ ଜିଏମୟୁ ଛାତ୍ରଛାତ୍ରୀ

ସମ୍ବଲପୁର, ୧୯।୧୧ (ସିଟି): ସମ୍ବଲପୁରରେ ବହୁବିଧ ଦୁର୍ଲଭ ଐତିହାସିକ କିର୍ତ୍ତୀରାଜି ରହିଛି। ଭାରତ ତଥା ଓଡ଼ିଶା ଇତିହାସରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ତେବେ, ଏହି କିର୍ତ୍ତୀରାଜି ଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଲୋପ ପାଇବାକୁ ବସିଲାଣି। ପୁରୁଖା ଲୋକ ନଥିବାବେଳେ ନୂତନ ପୀଢ଼ି ସେମାନଙ୍କ ଏତିହ୍ୟ ବିଷୟରେ ଅବଗତ ନୁହଁନ୍ତି। ଏନେଇ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏକ ପ୍ରୟାସ ଆରମ୍ଭ କରିଛି। ବିଶ୍ୱ ଐତିହ୍ୟ ଦିବସ ଉପଲକ୍ଷେ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଐତିହ୍ୟ ସଚେତନତା କାର୍ଯ୍ୟକ୍ରମ ରବିବାର ରାନୀ ବଖ୍ରୀଠାରେ ଅନୁଷ୍ଠିତ ହୋଇଯାଇଛି।

କୁଳପତି ପ୍ରଫେସର ଏନ. ନାଗରାଜୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଇନ୍‌ଟାକ୍ ସଦସ୍ୟ ଡଃ ବିଭୁଦତ୍ତ ପ୍ରସାଦ ଅତିଥି ଭାବେ ଐତିହ୍ୟ ଦିବସ ବିଷୟରେ କହିବାସହ ରାନୀବଖରୀର ପ୍ରଚାରପ୍ରସାର ଦିଗରେ ବିଭିନ୍ନ ଅନୁଷ୍ଠାନର ଦାୟିତ୍ୱବୋଧ



ଯୋଗଦେଇ ରାନୀବଖ୍ରୀର ଇତିହାସ ତଥା ରକ୍ଷଣାବେକ୍ଷଣ ସକାଶେ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଡଃ ଅତୁଲ କୁମାର ପ୍ରଧାନ ଉପରେ ଆଲୋକପାତ କରିଥିଲେ। ସହଯୋଗୀ ପ୍ରଫେସର ଡଃ ସନ୍ତୋଷ କୁମାର ମଲ୍ଲିକ ଏହି କିର୍ତ୍ତୀରାଜିର ସ୍ଥାପତ୍ୟ ଶୈଳୀ ବିଷୟରେ ମତ ରଖିଥିଲେ।

Media coverage of World Heritage week programme






Celebration of World Heritage Day 2024







Students participated in the World Heritage day programme 2024

# ସମ୍ବଲପୁର ରେ ବିଶ୍ୱ ଐତିହ୍ୟ ଦିବସ



ସମ୍ବଲପୁର, ୧୮।୪(ଅନୁପମ ମିଡିଆ): ସାଂସ୍କୃତିକ ପରମ୍ପରା ଭାରତୀୟ ସଭ୍ୟତାକୁ ଯୁଗ ଯୁଗ ଧରି ବୁଦ୍ଧିମନ୍ତ କରି ରଖିଛି। ଐତିହ୍ୟ ଆମର ସମ୍ବଳ ଓ ପରିଚୟ ଅଟେ । ଏହି କଥାକୁ ହୃଦୟଙ୍ଗମ କରି ଆମେ ଐତିହ୍ୟ ଏବଂ ସଂସ୍କୃତିକୁ ସଦାବେଳେ ମହତ୍ତ୍ୱ ଦେବା ଆବଶ୍ୟକ ବୋଲି ବିଶ୍ୱ ଐତିହ୍ୟ ଦିବସରେ ମତ ପ୍ରକାଶ ପାଇଛି। ଇନଟାକ, ସମ୍ବଲପୁର ଚାପ୍ଟର ପକ୍ଷରୁ ସହ ସଂଯୋଜକ ଦୀପକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଜି ସମ୍ବଲପୁର ସ୍ଥିତ ଆଞ୍ଚଳିକ ଅଭିଲେଖାଗାରରେ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଇଛି। ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ ବର୍ତ୍ତମାନ ଶିକ୍ଷାଆଉ ଶ୍ରେଣୀ ଗୃହ ମଧ୍ୟରେ ସୀମିତ ହୋଇ ରହିନାହିଁ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ଥାନୀୟ ଐତିହ୍ୟ, ଐତିହାସିକ ଘଟଣା ଏବଂ ଇତିହାସ ପୁରୁଷଙ୍କ ସହ ଛାତ୍ର ଛାତ୍ରୀଙ୍କୁ ପରିଚିତ କରାଇବାର ଉପକ୍ରମ କରୁଛି । ଜନ୍ମମାଟିର ଇତିହାସ ପ୍ରତି ଆମର ଦାୟିତ୍ୱ ରହିଛି ।

ତେଣୁ ଆମ ଇତିହାସର ନୂଆ ନୂଆ ଅଧ୍ୟାୟକୁ ଉନ୍ମୋଚନ କରିବା ପାଇଁ ଆମେ ଯତ୍ନବାନ ହେବା ଆବଶ୍ୟକ ଅଭିଲେଖାଗାରର ସଂଗ୍ରହାଧ୍ୟକ୍ଷ କିଶୋର ନାୟକ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଅଭିଲେଖାଗାରରେ କିଭଳି କାଗଜପତ୍ର ଓ ଦସ୍ତାବିଜ ଦେଖିହେବ ସେ ବାବଦରେ ସଭାରେ ଯୋଗଦେଇଥିବା ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କେହି ମଧ୍ୟ ମହତ୍ତ୍ୱପୂର୍ଣ୍ଣ କାଗଜପତ୍ର ସଂଗ୍ରହ କରି ପ୍ରଦାନ କଲେ ଅଭିଲେଖାଗା ତାକୁ କ୍ରୟ ମଧ୍ୟ କରେ ସଭାପତି ଅଭିଭାଷଣରେ ଦୀପକ କୁମାର ପଣ୍ଡା କହିଲେ ଇତିହାସ ପ୍ରାମାଣ ଚାହେଁ। ଅଭିଲେଖାଗାରରେ ଥିବା ଦସ୍ତାବିଜ ସବୁଠାରୁ ସଶକ୍ତ ପ୍ରମାଣ ଅଟେ । ଦିଲ୍ଲୀରେ ଜାତୀୟ ଅଭିଲେଖାଗାର ଥିବା ବେଳେ ରାଜ୍ୟ ରାଜଧାନୀ ମାନଙ୍କରେ ରାଜ୍ୟ ଅଭିଲେଖାଗାର ଅଛି ।

ଆମର ସୌଭାଗ୍ୟ ଯେ ସମ୍ବଲପୁରରେ ଆଞ୍ଚଳିକ ଅଭିଲେଖାଗାର ରହିଛି। ଆମେ ଏହାର ସୁବିଧା ନେବା ଓ ପୂର୍ଣ୍ଣ ଉପଯୋଗ କରିବା ଆବଶ୍ୟକ।

# 'ଐତିହ୍ୟ ଆମର ସମ୍ବଳ ଓ ପରିଚୟ'




## ବିଶ୍ୱ ଐତିହ୍ୟ ଦିବସ

ସମ୍ବଲପୁର,୧୮।୪(ବ୍ୟୁରୋ): ସାଂସ୍କୃତିକ ପରମ୍ପରା ଭାରତୀୟ ସଭ୍ୟତାକୁ ଯୁଗ ଯୁଗ ଧରି ବୁଦ୍ଧିମନ୍ତ କରି ରଖିଛି। ଐତିହ୍ୟ ଆମର ସମ୍ବଳ ଓ ପରିଚୟ ଅଟେ। ଏହି କଥାକୁ ହୃଦୟଙ୍ଗମ କରି ଆମେ ଐତିହ୍ୟ ଏବଂ ସଂସ୍କୃତିକୁ ସଦାବେଳେ ମହତ୍ତ୍ୱ ଦେବା ଆବଶ୍ୟକ ବୋଲି ବିଶ୍ୱ ଐତିହ୍ୟ ଦିବସରେ ମତ ପ୍ରକାଶ ପାଇଛି।

ଇନ୍‌ଟାକ, ସମ୍ବଲପୁର ଚାପ୍‌ଟର ପକ୍ଷରୁ ସହ ସଂଯୋଜକ ଦୀପକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଜି ଆଞ୍ଚଳିକ ଅଭିଲେଖାଗାରରେ ବିଶ୍ୱ ଐତିହ୍ୟ ଦିବସ ପାଳନ ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ, ବର୍ତ୍ତମାନ ଶିକ୍ଷା ଆଉ ଶ୍ରେଣୀଗୃହମଧ୍ୟରେ ସୀମିତ ହୋଇ ରହିନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଜନ୍ମମାଟିର ଇତିହାସ ପ୍ରତି ଆମର ଦାୟିତ୍ୱ ରହିଛି ତେଣୁ ଆମ ଇତିହାସର ନୂଆ ନୂଆ ଅଧ୍ୟାୟକୁ ଉନ୍ମୋଚନ କରିବା ପାଇଁ ଆମେ ଯତ୍ନବାନ ହେବା ଆବଶ୍ୟକ। ସେ କହିଲେ ଯେ, ସମ୍ବଲପୁର ଫାଶକୁଦାରେ ସର୍ବେକ୍ଷଣ ଦ୍ୱାରା ପ୍ରାଚୀନ ସଭ୍ୟତାର ସାକ୍ଷ୍ୟ ପ୍ରମାଣ ଉପଲବ୍ଧ ହୋଇଛି ବୋଲି ପ୍ରକାଶ କରିଥିଲେ। ଆଞ୍ଚଳିକ ଅଭିଲେଖାଗାରର ସଂଗ୍ରହାଧ୍ୟକ୍ଷ କିଶୋର ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅଭିଲେଖାଗାରରେ କିଭଳି କାଗଜପତ୍ର ଓ ଦସ୍ତାବିଜ ଦେଖିହେବ ସେ ବାବଦରେ ପରାମର୍ଶ ଦେଇଥିଲେ।

ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ ଯେ, ଇତିହାସ ପ୍ରାମାଣ ଚାହେଁ। ଅଭିଲେଖାଗାରରେ ଥିବା ଦସ୍ତାବିଜ ସବୁଠାରୁ ସଶକ୍ତ ପ୍ରମାଣ ଅଟେ। କାର୍ଯ୍ୟକ୍ରମ ଅବସରରେ ଅଭିଲେଖାଗାରର କର୍ମକର୍ତ୍ତା ଚକ୍ରଧର ନାୟକ, ଜଗନ୍ନାଥ ପାଣ୍ଡେ ଓ ସିଦ୍ଧାର୍ଥ ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ।

Media coverage of World Heritage Day 2024




Celebration of International Museum Day 2024








International Museum day observed at Veer Surendra Sai hall 2024







International Museum Day observed at Veer Surendra Sai hall 2024

# ଆନ୍ତର୍ଜାତିକ ମ୍ୟୁଜିୟମ ଦିବସ

ସମ୍ବଲପୁର, ୧୮।୫(ସିଟି): ମ୍ୟୁଜିୟମ ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଅତୀତକୁ ସାଇତି ରଖେ । ଏକ ଶିକ୍ଷଣ କେନ୍ଦ୍ର ଭଳି ଏହା ସୂଚନା ଓ ଜ୍ଞାନ ବିତରଣ କରେ ତଥା ଗବେଷଣା ସକାଶେ ଉପାଦାନ ଯୋଗାଇଥାଏ ବୋଲି ଆନ୍ତର୍ଜାତିକ ମ୍ୟୁଜିୟମ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଏବଂ ଇନ୍‌ଟାକ, ସମ୍ବଲପୁର ଚାପ୍ଟରର ମିଳିତ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଟାଉନହଲରେ ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପାଳନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଇନ୍‌ଟାକର ବରିଷ୍ଠ ସଦସ୍ୟ ବୃନ୍ଦାବନ ମିଶ୍ର ଯୋଗଦେଇ ସମୟ ସହିତ ତାଳ ଦେଇ ସବୁକିଛି ବଦଳିଥାଏ । ଏପରିକି କଳା, ସଂସ୍କୃତି, ଜନଜୀବନରେ ଏ ପରିବର୍ତ୍ତନର ପ୍ରଭାବ ପଡିଥାଏ । ତେଣୁ ଆମର ଇତିହାସ, ପରମ୍ପରା, ଚାଲିଚଲଣୀର ଅମୂଲ୍ୟ ସମ୍ପଦ




ସମୟର ତାଳରେ ନିଶ୍ଚିହ୍ନ ହେବା ପୂର୍ବରୁ ତାକୁ ସାଇତି ରଖାଯିବା ଆବଶ୍ୟକ ବୋଲି କହିଥିଲେ । ଇତିହାସ ବିଭାଗ ମୁଖ୍ୟ ଡ଼ଃ ଅତୁଲ କୁମାର ପ୍ରଧାନ କହିଥିଲେ, ସଂଗ୍ରହାଳୟ ଆମ ସମାଜର ଦର୍ପଣ ଭଳି । ଏହା ସମାଜର ସ୍ୱରୂପକୁ ଦର୍ଶାଇଥାଏ । ଏହା ଲୋକଙ୍କୁ ଶିକ୍ଷିତ କରାଏ ଓ ଶିକ୍ଷିତଙ୍କୁ ଗବେଷଣା ପାଇଁ ଉପାଦାନ ଯୋଗାଏ । ପ୍ରତ୍ୟେକ ସ୍ଥାନରେ ସଂଗ୍ରହାଳୟର ଆବଶ୍ୟକତା ରହିଛି ବୋଲି ଇନ୍‌ଟାକ ସମ୍ବଲପୁର ଚାପ୍ଟରର ଦୀପକ କୁମାର ପଣ୍ଡା କହିଥିଲେ । ସମ୍ବଲପୁରରେ ପଶ୍ଚିମଓଡ଼ିଶାର ଜନଜୀବନ ଓ ସଂସ୍କୃତି ଆଧାରିତ ସଂଗ୍ରହାଳୟର ଆବଶ୍ୟକତା ରହିଛି । ବୀର ସୁରେନ୍ଦ୍ର ସାଏ ଟାଉନହଲ୍‌ର ସୀମିତ ପରିସରରେ ଏକ ଛୋଟ ମ୍ୟୁଜିୟମର ପରିକଳ୍ପନା କରାଯାଇଛି । ଶୀଘ୍ର ଜନସାଧାରଣଙ୍କ ପାଇଁ ଏହାକୁ ଖୋଲାଯିବ ବୋଲି ସେ କହିଥିଲେ । ପ୍ରକାଶ ଚନ୍ଦ୍ର ଦାଶ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଛାତ୍ରଛାତ୍ରୀଙ୍କୁ ସଂଗ୍ରହାଳୟ ବୁଲାଇ ଦେଖାଇଥିଲେ । ଇନ୍‌ଟାକ ଜେ.ଇ. ଅନୀଲ ତରାଇ ଧନ୍ୟବାଦ ଦେଇଥିଲେ ।

# ଗବେଷଣା ପାଇଁ ଉପାଦାନ ଯୋଗାଇଥାଏ

ସମ୍ବଲପୁର,୧୮।୫(ବ୍ୟୁରୋ): ସଂଗ୍ରହାଳୟ ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଅତୀତକୁ ସାଇତି ରଖେ । ଏକ ଶିକ୍ଷଣ କେନ୍ଦ୍ର ଭଳି ଏହା ସୂଚନା ଓ ଜ୍ଞାନ ବିତରଣ କରେ । ଗବେଷଣା ପାଇଁ ଉପାଦାନ ଯୋଗାଇଥାଏ ବୋଲି ଆଜି ଅନୁଷ୍ଠିତ ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ଅବସରରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଏବଂ

## ବିଶ୍ୱ ସଂଗ୍ରହାଳୟ ଦିବସ

ଇନଟାକ ସମ୍ବଲପୁର ଚାପ୍‌ଟର୍‌ର ମିଳିତ ଆନୁକୂଲ୍ୟରେ ଆଜି ସକାଳେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଟାଉନ ହଲରେ ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପାଳନ ହୋଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଇନଟାକର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ପ୍ର. ବୃନ୍ଦାବନ ମିଶ୍ର ପ୍ରକାଶ କରିଥିଲେ ଯେ, ସମୟ ପରିବର୍ତ୍ତନଶୀଳ । ସମୟ ସହିତ ତାଳ ଦେଇ ସବୁକିଛି ବଦଳିଥାଏ । ଏପରିକି କଳା, ସଂସ୍କୃତି, ଜନଜୀବନରେ ଏ ପରିବର୍ତ୍ତନର ପ୍ରଭାବ ପଡିଥାଏ । ତେଣୁ ଆମର ଇତିହାସ, ପରମ୍ପରା, ଚାଲିଚଲଣୀ ଆମର ଅମୂଲ୍ୟ ସମ୍ପଦ । ସମୟର ତାଳରେ ନିଶ୍ଚିହ୍ନ ହେବା ପୂର୍ବରୁ ତାକୁ ସାଇତି ରଖିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ଼. ଅତୁଲ କୁମାର ପ୍ରଧାନ ପ୍ରକାଶ କରିଥିଲେ ଯେ, ସଂଗ୍ରହାଳୟ ଆମ ସମାଜର ଦର୍ପଣ ଭଳି ସମାଜର ସ୍ୱରୂପକୁ ଦର୍ଶାଇଥାଏ । ସଂଗ୍ରହାଳୟ ଶିକ୍ଷାର କେନ୍ଦ୍ର ଅଟେ । ଏହା ଲୋକଙ୍କୁ ଶିକ୍ଷିତ କରାଏ ଓ ଶିକ୍ଷିତଙ୍କୁ




ଗବେଷଣା ପାଇଁ ଉପାଦାନ ଯୋଗାଏ । ସେ ସଂଗ୍ରହାଳୟର ଇତିହାସ ଓ ଏହାର ପ୍ରାସଙ୍ଗିକତା ବାବଦରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ ।

ଇନଟାକ ସମ୍ବଲପୁର ଚାପ୍‌ଟରର ଦୀପକ କୁମାର ପଣ୍ଡା ସଂଗ୍ରହାଳୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସମ୍ବଲପୁରରେ ପଶ୍ଚିମ ଓଡ଼ିଶାର ଜନଜୀବନ ଓ ସଂସ୍କୃତି ଆଧାରିତ ସଂଗ୍ରହାଳୟର ଆବଶ୍ୟକତା ରହିଛି । ବୀର ସୁରେନ୍ଦ୍ର ସାଏ ଟାଉନ ହଲର ସୀମିତ ପରିସରରେ ଏକ ଛୋଟ ମ୍ୟୁଜିୟମର ପରିକଳ୍ପନା କରାଯାଇଛି । ଖୁବ ଶୀଘ୍ର ଜନସାଧାରଣଙ୍କ ପାଇଁ ଏହାକୁ ଖୋଲାଯିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଶେଷରେ ଇନଟାକ କନିଷ୍ଠ ଯନ୍ତ୍ରୀ ଅନୀଲ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶ ଚନ୍ଦ୍ର ଦାଶ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଛାତ୍ର ଛାତ୍ରୀଙ୍କୁ ସଂଗ୍ରହାଳୟ ବୁଲାଇ ଦେଖାଇଥିଲେ ।

Media coverage of International Museum day 2024